## ସଂକ୍ଷେପରେ

### କେନ୍ଦ୍ରାପଡ଼ାକୁ ହରାଇ ଭଦ୍ରକ ଫାଇନାଲରେ

**ଭୁବନ, ୧୦।୨(ଡି.ଏନ୍.ଏ.):** ଭୁବନ ବ୍ଲକ ମୃଦଙ୍ଗା ଖେଳପଡ଼ିଆରେ ଚାଲିଥିବା ମା' ହିଙ୍ଗୁଳା କ୍ରିକେଟ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ବାଲାବାବାକୁ ହରାଇ ଭଦ୍ରକ ଚରମ୍ପା କ୍ରିକେଟ ଏକାଡେମୀ ଫାଇନାଲରେ ପ୍ରବେଶ କରିଛି। ଟସ୍‌ଜିଣି ପ୍ରଥମେ ବ୍ୟାଟିଂ କରିଥିବା ଭଦ୍ରକ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ୍ ଦିବ୍ୟଜ୍ୟୋତି ସାହୁଙ୍କ ୭୧ ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲାବାବା ୧୮ ଓଭରରେ ୧୭୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁଧାଂଶୁ ପତି ୬୧ ରନ୍ ସଂଗ୍ରହ କରିଥିଲେ ମଧ ତାହା ବେକାର ଯାଇଥିଲା। ବୁଲୁ ପଟ୍ଟନାୟକ, ଆଶିଷ ଆଏଚ ମ୍ୟାଚ୍ ପରିଚାଳନା କରିଥିବାବେଳେ ସତ୍ୟଜିତ୍ ଆଏଚ୍ ଏବଂ ଆଲୋକ ପ୍ରଧାନ ଧାରା ବିବରଣୀ ଦେଇଥିଲେ। ବୁଧବାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଏବଂ ଭଦ୍ରକ ମଧରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

■ହରପାର୍ବତୀ କ୍ରିକେଟ ଟୁର୍ନାମେଣ୍ଟ

### ଉଦ୍‌ଘାଟନୀ ମ୍ୟାଚ୍‌ରେ ନୂଆପାଟଣା ବିଜୟୀ

**ଢେଙ୍କାନାଳ ଅଫିସ,୧୦।୨:** ଢେଙ୍କାନାଳ ସଦର ବ୍ଲକ କଙ୍କଡ଼ାହାଡ଼ ଗ୍ରାମ ଖେଳପଡ଼ିଆରେ ରବିବାରଠାରୁ ଆରମ୍ଭ ହୋଇଛି ୧୫ତମ ହରପାର୍ବତୀ କ୍ରିକେଟ ଟୁର୍ନାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚରେ ନାଗିଆପଶିକୁ ହରାଇ ନୂଆପାଟଣା ବିଜୟୀ ହୋଇଛି। ନାଗିଆପଶି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୨ ରନ୍ ସଂଗ୍ରହ କରିଥିଲା। ସୁଶାନ୍ତ କୁମାର ରାଉତ ୫୨ରନ କରିଥିଲେ। ଜବାବରେ ନୂଆପାଟଣା ଦଳ ୧୯ ଓଭରରେ ୩ ଉଇକେଟ ହରାଇ ୧୮୪ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଜଗଦୀଶ କୁମାର କୁଣ୍ଡୁ 'ମ୍ୟାନ ଅଫ୍ ଦି ମ୍ୟାଚ' ବିବେଚିତ ହୋଇଥିଲେ। ପ୍ରମୋଦ ମହାନ୍ତି, କାମାକ୍ଷାପ୍ରସାଦ ରଣା ମ୍ୟାଚ ପରିଚାଳନା କରିଥିଲେ। ସରପଞ୍ଚ ବିଜୟ କୁମାର ବେହେରା, ସମିତିସଭ୍ୟ ମହେଶ୍ୱର ବେହେରା, ଗ୍ରାମ କମିଟି ସଭାପତି ଦେବରାଜ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରିଥିଲେ। ହରପାର୍ବତୀ କ୍ରିକେଟ କ୍ଲବ, ବଜରଙ୍ଗ କ୍ଲବ ଏବଂ ଗ୍ରାମ କମିଟିର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ସୋମବାର ତାଳବରକୋଟ ଓ ବେଲଟିକିରି ମଧରେ ମ୍ୟାଚ ଅନୁଷ୍ଠିତ ହେବ।

### ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ

**ଚମ୍ପୁଆ, ୧୦।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ଦୁଇଦିନ ହେଲା ୧୬ ଟିକିଆ ହାତୀପଲ ଦୁଇଦିନ ହେଲା ଆତଙ୍କ ସୃଷ୍ଟି କରିଛନ୍ତି। ହାତୀପଲ ଜନବସତି ମୁହାଁହୋଇ ଘରଦ୍ୱାରା ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଯାଉଛନ୍ତି। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହାତୀ ଦୌରାତ୍ମ୍ୟରେ ବିନିକା ଗ୍ରାମର ଚିନ୍ତାମଣି ମହାନ୍ତି, ସରେଇ ଗ୍ରାମର ବାହାଦୁଲା ନାଏକ, କ୍ଷେତ୍ର ନାଏକଙ୍କ ବ୍ୟାପକ କ୍ଷତି ଘଟିଛି। ହାତୀପଲ ଘର ଭାଙ୍ଗିଦେବା ସହ ଘରେ ଥିବା ଖାଦ୍ୟଶସ୍ୟ ନଷ୍ଟ କରିଦେଇଛନ୍ତି। ଉକ୍ତ ହାତୀପଲ ମୟୂରଭଞ୍ଜ ଜିଲାରୁ ଆସି ପତଳା ଜଙ୍ଗଲରେ ଦିନତମାମ ରହୁଛନ୍ତି। ସଞ୍ଜହେଲେ ଗାଁମୁହାଁ ହେଉଛନ୍ତି। ହାତୀଙ୍କୁ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପୋଖରୀରୁ ମୃତଦେହ ଉଦ୍ଧାର

**ଚମ୍ପୁଆ, ୧୦।୨(ଡି.ଏନ୍.ଏ.):** ଚମ୍ପୁଆ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ଏକ ପୋଖରୀରୁ ଜଣେ ଶିଶୁର ମୃତଦେହ ପୋଲିସ ଉଦ୍ଧାର କରିଛି। ରବିବାର ସକାଳେ ଗ୍ରାମର ମହିଳାମାନେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଉକ୍ତ ଶିଶୁର ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୋଲିସକୁ ସୂଚନା ଦେବାପରେ ସବଇନ୍ସପେକ୍ଟର ପଦ୍ମାବତୀ କପାଟ ସଦଳବଳ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସରପଞ୍ଚ ରମେଶ ମୁଣ୍ଡାଙ୍କ ସହଯୋଗରେ ପୋଖରୀରୁ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହ କିପରି ପୋଖରୀକୁ ଆସିଲା ତାହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ପୋଲିସ ଏହାର ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଦାବି ହେଉଛି।

■ନିର୍ବାଚନ ପୂର୍ବରୁ ସିନେମା ନୀତି

# ଫିଲ୍ମ ସହ ଯୋଡ଼ିହେବ ପର୍ଯ୍ୟଟନ

ଭୁବନେଶ୍ୱର,୧୦।୨(ବ୍ୟୁରୋ)



ସାଧାରଣ ନିର୍ବାଚନ ପୂର୍ବରୁ ଆସିପାରେ ବହୁ ପ୍ରତୀକ୍ଷିତ ଓଡ଼ିଆ ସିନେମା ନୀତି। ଏହି ନୀତି ଓଡ଼ିଆ ସିନେମା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏଥିପାଇଁ ରୂପରେଖ ପ୍ରସ୍ତୁତି ସରିଥିବା ବେଳେ ରାଜ୍ୟ ସରକାର ଯଥାଶୀଘ୍ର ଏହି ପଲିସି ଆଣିବାକୁ ଯୋଜନା କରିଛନ୍ତି। ଅଧୋଗାମୀ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ପୁଣିଥରେ ଊର୍ଦ୍ଧ୍ୱଗାମୀ କରିବାକୁ ଏହା ବିଶେଷ ସହାୟକ ହେବ। ସବୁଠାରୁ ବଡ଼କଥା ହେଲା, ଏହି ସ୍ୱତନ୍ତ୍ର ନୀତିରେ ରାଜ୍ୟ ସରକାର ଚଳଚ୍ଚିତ୍ରକୁ ପର୍ଯ୍ୟଟନ ଶିଳ୍ପ ସହ ଯୋଡ଼ିବାର ବ୍ୟବସ୍ଥା କରିଥିବା କୁହାଯାଇଛି।

ସିନେମା ତଥା ମନୋରଞ୍ଜନ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ସହ ଏହି କ୍ଷେତ୍ରର ଉନ୍ନତୀକରଣ ପାଇଁ ସରକାର ଏହି ନୂଆ ନୀତି ଆଣୁଛନ୍ତି। ୧୯୭୪ରେ ସିନେମାକୁ ଶିଳ୍ପର ମାନ୍ୟତା ମିଳିଥିବା ବେଳେ ଏବେ ଏହାକୁ ଆଉପାଦେ ଆଗକୁ ନେବାକୁ ସ୍ଥିର ହୋଇଛି। ୮୨ ବର୍ଷର ଓଡ଼ିଆ ଫିଲ୍ମ ଇତିହାସରେ ଏହି ପଲିସି ପ୍ରଥମଥର ପାଇଁ ହେବ, ଯେଉଁଥିରେ ଚଳଚ୍ଚିତ୍ର ଶିଳ୍ପର ବିକାଶ ସାଙ୍ଗକୁ ସବ୍‌ସିଡି ଦେବା ବ୍ୟବସ୍ଥା, ଫିଲ୍ମ ଶୁଟିଂ ନିୟମ ଆଦିରେ କୋହଳ ସହ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରାଯିବ। ସେହିଭଳି ଏହାର ଭିତ୍ତିଭୂମି ବିକାଶ ଓ ମାର୍କେଟିଂକୁ ପଲିସିରେ ପ୍ରାଥମିକତା ଦିଆଯିବ। ଏହାବ୍ୟତୀତ ଫିଲ୍ମ ମାଧ୍ୟମରେ ଯେପରି ପର୍ଯ୍ୟଟନର ପ୍ରଚାର ପ୍ରସାର ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ଯେଉଁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି, ତାହାକୁ ଫିଲ୍ମ ମାଧ୍ୟମରେ ପ୍ରଦର୍ଶନ କରାଯିବ। ଫଳରେ ସେହି ସ୍ଥାନ ବିଷୟରେ ଲୋକମାନେ ଜାଣିପାରିବା ସହ ପରବର୍ତ୍ତୀ ସମୟରେ ସେଠାକୁ ଯିବାକୁ ଆଗ୍ରହ ପ୍ରକାଶ କରିବେ। ଏହାଦ୍ୱାରା ପର୍ଯ୍ୟଟନସ୍ଥଳୀଗୁଡ଼ିକର ଏକପ୍ରକାର ବ୍ରାଣ୍ଡିଂ ହେବ। କେବଳ ସେତିକି ନୁହେଁ, ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଶୁଟିଂ କଲେ, ପ୍ରଯୋଜକ ତଥା ନିର୍ମାତାଙ୍କୁ ସ୍ୱତନ୍ତ୍ର ସବ୍‌ସିଡି ଦିଆଯିବ। ସେହିଭଳି ବିଭିନ୍ନ ଐତିହାସିକସ୍ଥଳୀ କିମ୍ବା କୀର୍ତ୍ତିରାଜିରେ ଶୁଟିଂ କରିବାକୁ ଚାହିଁଲେ, ଅନୁମତି ପାଇଁ ଆଉ ଏଣେତେଣେ ଦୌଡ଼ିବାକୁ ପଡ଼ିବନାହିଁ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଏଥିଲାଗି ଅନୁମତି ପ୍ରଦାନ କରିବ।

ଏହି ନୂତନ ନୀତି ଆଣିବାରେ ଇଣ୍ଡଷ୍ଟ୍ରି ପାର୍ଟନର ଭାବେ ଫିକି କାର୍ଯ୍ୟ କରୁଥିବା ବେଳେ ଏଥିପାଇଁ ପ୍ରସ୍ତୁତ ଡ୍ରାଫ୍ଟ ନୀତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଗଠିତ ମନ୍ତ୍ରୀସ୍ତରୀୟ କମିଟିର ଘନ ଘନ ବୈଠକ ବସି ସିନେମା ଶିଳ୍ପ ସହ ଜଡ଼ିତ ବିଭିନ୍ନ ବିଶେଷଜ୍ଞ ଓ ଅଂଶୀଦାରଙ୍କଠାରୁ ପରାମର୍ଶ ନିଆଯାଉଛି। ଫିଲ୍ମ ପଲିସି ଆସିବା ପରେ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏହା ଇତିହାସ ସୃଷ୍ଟି କରିବ। ସିନେମାର ଗୁଣବତ୍ତା, ରାଜ୍ୟ ଟେଲିଭିଜନ ଏବଂ ଫିଲ୍ମ ଶିଳ୍ପର ଉନ୍ନତୀକରଣରେ ଏହା ସହାୟକ ହେବ ବୋଲି ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି।

**ମଲ୍ଟିପ୍ଲେକ୍ସ କଲ୍‌ଚରକୁ ମିଳିବ ପ୍ରୋତ୍ସାହନ**

ମଲ୍ଟିପ୍ଲେକ୍ସ ଓ ମଲ୍ କଲ୍‌ଚରର ଚାହିଦା ଦିନକୁ ଦିନ ଓଡ଼ିଶାରେ ବଢ଼ୁଥିବା ବେଳେ ଫିଲ୍ମ ଇଣ୍ଡଷ୍ଟ୍ରିର ବିକାଶରେ ଏହା ବିଶେଷ ସହାୟକ ହେବ। ରାଜ୍ୟରେ ସିନେମା ହଲ୍ ସଂଖ୍ୟା ଆବଶ୍ୟକତାଠାରୁ ବହୁତ କମ୍ ଥିବାବେଳେ ମଲ୍ଟିପ୍ଲେକ୍ସ ପ୍ରତିଷ୍ଠା ଦ୍ୱାରା ଏହାକୁ କେତେକାଂଶରେ ଦୂର କରାଯାଇପାରିବ। ଏଥିପାଇଁ ରାଜ୍ୟ ସରକାର ନୂଆ ସିନେମା ନୀତିରେ ମଲ୍ଟିପ୍ଲେକ୍ସ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ପ୍ରଦାନ କରିବେ। ମଲ୍ଟିପ୍ଲେକ୍ସ ଅପରେଟରଙ୍କୁ ସୁବିଧାରେ ଜମି ଯୋଗାଣ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପୁରୀ, କଟକ, ବାଲେଶ୍ୱର, ଭଦ୍ରକ, ରାଉରକେଲା, ସମ୍ବଲପୁର ଆଦି ସହରରେ ମଲ୍ଟିପ୍ଲେକ୍ସ ପ୍ରତିଷ୍ଠା ହେଲେ ଏହା ଯୁବ ଦର୍ଶକଙ୍କୁ ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।



ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

■ପଞ୍ଚସଖା ନୋଡାଲ ହାଇସ୍କୁଲ ବାର୍ଷିକ ଉତ୍ସବ

## 'ଶ୍ରେଷ୍ଠତ୍ୱ ପ୍ରଦର୍ଶନ କର'

**କାମାକ୍ଷାନଗର, ୧୦।୨(ଡି.ଏନ୍.ଏ.)**

ଜିତିବା, ହାରିବା ଜୀବନର ଗୋଟିଏ ଗୋଟିଏ ଅଙ୍ଗ। ସଫଳତା ଉତ୍ସାହିତ କରାଏ। ହେଲେ ସବୁ ସମୟରେ ଯେ, ସଫଳତା ହିଁ ମିଳିବ ତାହା ଭାବିବା ଭୁଲ। ପରାଜୟକୁ ମଧ ସ୍ୱୀକାର କରିବାକୁ ପଡ଼ିବ। ପ୍ରତି କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କଲେ ସଫଳତା ଆଡ଼କୁ ଅଗ୍ରସର ହେବାକୁ ସୁଯୋଗ ମିଳିଥାଏ ବୋଲି କହିଛନ୍ତି ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ବିଶ୍ୱାଳ। କାମାକ୍ଷାନଗର ତୁମୁସିଂହା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ ଏପରି ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମୀନକେତନ ନାୟକ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ରୁର ବିଶ୍ୱାଳ, ପରିଚାଳନା କମିଟି ସଭାନେତ୍ରୀ ସ୍ନେହଲତା ନାୟକ, ଶିକ୍ଷକ-ଅଭିଭାବକ ସଂଘ ସଭାପତି ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଲୋକନାଥ ଷଡ଼ଙ୍ଗୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶୁକଦେବ କୋଡ଼ା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଜିଲା ସମ୍ମିଳନୀ

## 'ସାମ୍ମୁଖ୍ୟ କାର୍ଯ୍ୟଦକ୍ଷତା ପ୍ରମାଣ କରିଛି'

**ଢେଙ୍କାନାଳ ଅଫିସ,୧୦।୨**




ସମ୍ମିଳନୀରେ ଆଇନଜୀବୀ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ।

ଢେଙ୍କାନାଳ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଜିଲା ସମ୍ମିଳନୀ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସରୋଜ କୁମାର ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଆଇନଜୀବୀଙ୍କ ଉନ୍ନତି ପାଇଁ ସାମ୍ମୁଖ୍ୟ ସର୍ବଦା ତତ୍ପର ଓ କାର୍ଯ୍ୟରତ। ଏହି ସଙ୍ଗଠନ ନିଜର କାର୍ଯ୍ୟଦକ୍ଷତା ପ୍ରମାଣ କରିଛି। ରାଜ୍ୟ ଆବାହକ ମିଲନ୍ କାନୁନ୍‌ଗୋ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇନଜୀବୀଙ୍କ ପାଇଁ ଲାଗି କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

ସାମ୍ମୁଖ୍ୟର ଜିଲା ଆବାହକ ଗୋପାଳ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ରାଜ୍ୟ ଉପଦେଷ୍ଟା ଅସୀମ ଅମିତାଭ ଦାସ, ସଂଯୋଜକ ମନୋଜ ବର୍ମା, ଆଇନଜୀବୀ ପରିଷଦର ବରିଷ୍ଠ ସଦସ୍ୟ ଅରୂପାନନ୍ଦ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପତିତପାବନ ମହାପାତ୍ର, ସୁରେଶ ମହାପାତ୍ର, ସୁଲେମାନ ଖାଁ, ନବକିଶୋର ସାହୁ, ହରିହର ପଣ୍ଡା, ଧର୍ମାନନ୍ଦ ମଲ୍ଲିକ, ହିମାଂଶୁ ମିଶ୍ର, ଅଲିମ୍ ଖାଁ, ସାଇଶ୍ରୀ ପଟ୍ଟନାୟକ, ଧର୍ମାନନ୍ଦ ବରାଳଙ୍କ ସମେତ ଢେଙ୍କାନାଳ, କାମାକ୍ଷାନଗର, ହିନ୍ଦୋଳ, ଭୁବନ, ପରଜଙ୍ଗ ଅଞ୍ଚଳରୁ ବହୁ ଆଇନଜୀବୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଦୁର୍ଗାଚରଣ ମାଝି ଧନ୍ୟବାଦ ପ୍ରଦାନ କରିଥିଲେ।

### ପୋଲ ତଳକୁ ଖସିଲା ବାଇକ୍: ଜଣେ ମୃତ, ୨ ଗୁରୁତର

**ଢେଙ୍କିକୋଟ, ୧୦।୨(ଡି.ଏନ.ଏ.)**

ଘଟଗାଁ ବ୍ଲକ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ପୁରୁମୁଣ୍ଡା ପଞ୍ଚାୟତ ଅସନବାହାଳି ଘାଟି ରାସ୍ତାର ଚୁଆକାଠି ପୋଲ ତଳକୁ ଖସିପଡ଼ି ରବିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିନ୍ତାମଣି ମାନସିଂ। ଏଥିରେ ସାନ୍ତରାପୁର ଅଞ୍ଚଳର ପଞ୍ଚାନନ ସିଂ, ଧନେଶ୍ୱର ସାଣ୍ଡିଲ୍ୟ ଗୁରୁତର ହୋଇଛନ୍ତି। ସମସ୍ତେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବଡ଼ବିୟୁଳିକୁ ଯାଉଥିଲେ। ବାଇକ୍ ଭାରସାମ୍ୟ ହରାଇ ପୋଲ ଉପରୁ ୨୦ ଫୁଟ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଚିନ୍ତାମଣିଙ୍କ ହୋଇଯାଇଥିଲା। ପଣ୍ଡାପଡ଼ା ଥାନା ଅଧିକାରୀ ରଞ୍ଜୁହାସିନି କୁଲୁଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ଇନ୍ଦ୍ରମଣି ପାଣ୍ଡେ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

## ଏସ୍‌ବିଆଇ କର୍ମଚାରୀ ଶାଖା ସଂଘର ବୈଠକ




ବୈଠକରେ ଷ୍ଟେଟ୍ ବ୍ୟାଙ୍କ ଶାଖାର କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ,୧୦।୨**

ଢେଙ୍କାନାଳସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଶାଖା କାର୍ଯ୍ୟାଳୟରେ ଶନିବାର କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ସର୍କଲ ସଭାପତି କମ୍ରେଡ୍ ଅନ୍ନଦା ପ୍ରସାଦ ଜେନା, ସାଧାରଣ ସମ୍ପାଦକ ଶିବପ୍ରସାଦ ବେହେରା, ହେଡକ୍ୱାର୍ଟର ଡିଜିଏମ୍ ଅନିଲ କୁମାର ପ୍ରଧାନ, ଗଙ୍ଗା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସଭାରେ ବ୍ୟାଙ୍କ ପରିଚାଳନା, ଆର୍ଥିକ ନେଣଦେଣ, ଡିଜିଟାଲ ପ୍ଲାଟ୍‌ଫର୍ମରେ କାରବାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦେବୀ ପ୍ରସାଦ ମିଶ୍ର, ନିରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମନମୋହନ ନାୟକ, ମୁରଲୀଧର ଭଞ୍ଜ, ଦ୍ୱିତୀକୃଷ୍ଣ ମଲ୍ଲିକ, ଗୋପାଳ ସାହୁ, ଚୈତନ୍ୟ ଖୁଣ୍ଟିଆ, ଧନେଶ୍ୱର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଜନସ୍ୱାର୍ଥ ସୁରକ୍ଷା ଟ୍ରଷ୍ଟ କାର୍ଯ୍ୟାଳୟ ଉଦ୍‌ଘାଟିତ



ଟ୍ରଷ୍ଟ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ବରିଷ୍ଠ ନାଗରିକମାନେ।

**ଭୁବନ, ୧୦।୨(ଡି.ଏନ୍.ଏ.)**

ଭୁବନ ଏନ୍‌ଏସି ପାଲାମଣ୍ଡପ ନିକଟରେ ରବିବାର ବରିଷ୍ଠ ନାଗରିକ ଜନସ୍ୱାର୍ଥ ସୁରକ୍ଷା ଟ୍ରଷ୍ଟର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସଭାପତି ବ୍ରଜକିଶୋର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟ ମୁଖ୍ୟ ରଥ ସେଠୀ, ସମ୍ପାଦକ ଦୁର୍ଗାପ୍ରସାଦ ପୃଷ୍ଟି, ଉପଦେଷ୍ଟା ବାବୁଲି ସେଠୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଞ୍ଚଳର ବିକାଶ ଲାଗି ସଂଗ୍ରାମ କରିବାକୁ ଉପସ୍ଥିତ ବରିଷ୍ଠ ନାଗରିକମାନେ ସଂକଳ୍ପ କରିଥିଲେ। ବରିଷ୍ଠ କର୍ମକର୍ତ୍ତା ଚିନ୍ତାମଣି ସାହୁ, ସଦାଶିବ ସାହୁ, ଚିନ୍ତାମଣି ଦାସ, ଶିବରାମ ସାହୁ, ଶ୍ରୀକାନ୍ତ ସାହୁ, କୋଦଣ୍ଡଧର ପାତ୍ର, ଆଇନଜୀବୀ ରବୀନ୍ଦ୍ର କୁମାର ଦାସ, ଶଶଧର ମହାନ୍ତି, ନିତ୍ୟାନନ୍ଦ ବେହେରା, ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ଶ୍ରାଦ୍ଧ ଦିବସରେ ସ୍ମୃତିସଭା

## 'ଯୁବପିଢ଼ିଙ୍କ ଆଦର୍ଶ ରାଧାନାଥ'

**ଢେଙ୍କାନାଳ ଅଫିସ, ୧୦।୨**

ପଦ୍ମଭୂଷଣ ଡ. ରାଧାନାଥ ରଥ ଥିଲେ ଜଣେ ଦକ୍ଷତାସମ୍ପନ୍ନ ମଣିଷ। ବିଂଶ ଶତାବ୍ଦୀର ପ୍ରମୁଖ ଅର୍ଥନୈତିଜ୍ଞଙ୍କ ମଧ୍ୟରେ ସେ ହେଉଛନ୍ତି ଅନ୍ୟତମ। ଅର୍ଥନୀତି ଭଳି ଜଟିଳ ବିଷୟରେ ତାଙ୍କର ଅନୁସନ୍ଧାନମୂଳକ ଏବଂ ଗବେଷଣାତ୍ମକ ତଥ୍ୟ ନୂଆଦିଗନ୍ତ ସୃଷ୍ଟି କରିପାରିଥିଲା। ପ୍ରଶାସନିକସ୍ତରରେ ନିଜର ଅଭିଜ୍ଞତାକୁ ଆଧାର କରି ସେ ସମସ୍ୟା ସମାଧାନର ବାଟ ବାହାର କରିପାରୁଥିଲେ। ସେ ସର୍ବଦା ଯୁବପିଢ଼ିଙ୍କ ଆଦର୍ଶ ହୋଇ ରହିବେ ବୋଲି କହିଛନ୍ତି ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ। ସ୍ଥାନୀୟ କାଠଗଡ଼ାସ୍ଥିତ ଉତ୍ପୁନା କାର୍ଯ୍ୟାଳୟରେ ରବିବାର ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ।

ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ଉତ୍ପୁନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ପରିବେଶବିତ୍ ଉପେନ୍ଦ୍ର ରାଉତ ଯୋଗଦେଇ କହିଲେ, ରାଧାନାଥଙ୍କ ନିକଟରେ ଭରପୂର ହୋଇ ରହିଥିଲା ପ୍ରତିଭା। ସେ ଏକାଧାରାରେ ଜଣେ ସମାଜସେବୀ, କବି, ଲେଖକ, ସାମ୍ବାଦିକ ଏବଂ ସ୍ୱାଧୀନତା ସଂଗ୍ରାମୀ ଥିଲେ। ତାଙ୍କ ଜୀବନାଦର୍ଶ ଯୁବସମାଜ ଲାଗି ସର୍ବଦା ଉପଯୋଗୀ ବୋଲି ସେ ମତ ରଖିଥିଲେ। ସାଧାରଣ ସମ୍ପାଦକ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ପ୍ରଫେସର ଦିଲୀପ ନନ୍ଦ, ଶିକ୍ଷକନେତା ଦୈତାରି ପରିଡ଼ା, ପ୍ରଫେସର ମଞ୍ଜୁଲତା ମୁଖୀ, ଡମ୍ବରୁଧର ପଣ୍ଡା, ଆଇନଜୀବୀ ଦୀପ୍ତିମୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କୁଞ୍ଜ ସାହୁ, ଲୋକନାଥ ମହାପାତ୍ର, ସରିତା ପାଟସାହାଣୀ, ମମତା ମିଶ୍ର, ସୁକାନ୍ତି ସାହୁ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡ. ଶ୍ରୀନିବାସ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବାହାଦୁର ପାଟସାହାଣୀ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।




ସ୍ମୃତିସଭାରେ ଅତିଥିଙ୍କ ସମେତ ଅନ୍ୟମାନେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣ୍ଟାରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

ଅନୁଗୋଳ ଅଫିସ, ୧୦।୨- ଅନୁଗୋଳ ଜରାସିଂହା ଠାରେ ରବିବାର ଟ୍ରେନ୍‌ରେ କଟି ସ୍ଥାନୀୟ ଅଞ୍ଚଳର ଚିନ୍ମୟ ସାହୁ(୨୩)ଙ୍କ ମୃତ୍ୟୁ ହୋଇଛି। ମଧାହ୍ନରେ ଚିନ୍ମୟଙ୍କ ମୃତଦେହ ରେଳଲାଇନରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକମାନେ ପୋଲିସକୁ ସୂଚନା ଦେଇଥିଲେ। ଏଏସ୍‌ଆଇ ପ୍ରଶାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲେ। ଏ ନେଇ ଅନୁଗୋଳ ଥାନାରେ ନଂ. ୨୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସ୍‌ଆଇ ସୂଚନା ଦେଇଛନ୍ତି।

### ବିଦ୍ୟାରମ୍ଭ କଲେ କୁନି ଛାତ୍ରୀଛାତ୍ର



ଅନୁଗୋଳ ଅଫିସ, ୧୦।୨- ଅନୁଗୋଳ ମିଶ୍ରପଡ଼ା ଓ ନାଲ୍‌କୋନଗରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ନିର୍ଦ୍ଦେଶକ କୁଳଦୀପ ରଥ, ଅଧକ୍ଷ, ଉପାଧକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ମା' ସରସ୍ୱତୀଙ୍କ ନିକଟରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟକୁ ଆସିଥିବା ନବାଗତ କୁନିକୁନି ଶିଶୁମାନଙ୍କୁ ଖଡ଼ି, ସିଲଟ ଧରାଇ ବିଦ୍ୟାରମ୍ଭ କରାଯିବା ସହ ସୋମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା ପାଇଁ ପ୍ରାର୍ଥନା କରାଯାଇଥିଲା।

### ଗଣ୍ଡଗୋଳରେ ଜଣେ ଆହତ

ଅନୁଗୋଳ ଅଫିସ, ୧୦।୨- ଅନୁଗୋଳ ନିଶା ଥାନା ଅଞ୍ଚଳରେ ରବିବାର ପିଠା କାର୍ଯ୍ୟକ୍ରମ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ନେଉଳ ଭୋଇ(୬୩)ଙ୍କ ମୁଣ୍ଡ ଫାଟି ଯାଇଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ନଂ. ୨୯ ଓ ୩୦ରେ ଦୁଇଟି ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଲବ ବୋଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ପରଙ୍ଗ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ହେଉଥିବା ବେଳେ ଗାଡ଼ି ରଖିବାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଠେଲାପେଲା ହେବାରୁ ନେଉଳ ତଳେ ପଡ଼ି ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସେହିପରି ନେଉଳଙ୍କ ମାଡ଼ରେ ସୁବାସ ମହାକୁଡ଼ ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଆହତ ନେଉଳ କିଛି ଲୋକ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି।

### ଭାଜପା କର୍ମକର୍ତ୍ତାଙ୍କ କର୍ମଶାଳା

ତାଳଚେର,୧୦।୨(ନି.ପ୍ର.)- ତାଳଚେର ବିଧାନସଭା କ୍ଷେତ୍ର ଭାଜପା କର୍ମକର୍ତ୍ତାଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗ ଦେଇ ଭାଜପା ସରକାର ଆସିଲେ ସମସ୍ତ ଭୂମିହୀନଙ୍କୁ ପଟ୍ଟା, ସମସ୍ତଙ୍କ ପାଇଁ ପକ୍କାଘର ଏବଂ ଯୁବକଙ୍କୁ ରୋଜଗାର ଦିଆଯିବା ସମ୍ପର୍କରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଏକ ମାସ ଧରି ବିଧାନସଭା କ୍ଷେତର ପ୍ରତି ଘରକୁ ଘର ବୁଲି ଅବଗତ କରାଇବେ ବୋଲି ପ୍ରକାଶ କରିଥିଲେ। ୧୧ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସମ୍ପର୍କରେ କାର୍ଯ୍ୟକର୍ତ୍ତାମାନଙ୍କୁ ତାଲିମ ଦିଆଯାଇଥିଲା। ଉକ୍ତ କର୍ମଶାଳାରେ ତାଳଚେର ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ବିଧାନସଭା ପ୍ରଭାରୀ ଡିଲେଶ୍ୱର ପ୍ରଧାନ, ବିସ୍ତାରକ ସନ୍ତୋଷ କୁମାର ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ମଣ୍ଡଳ ସଭାପତି ଯଶୋବନ୍ତ ଦାସ୍ ପ୍ରମୁଖ ଯୋଗ ଦେଇଥିଲେ।

### ପାଠ୍ୟପୁସ୍ତକ ବଣ୍ଟନ



ବନ୍ତଲା, ୧୦।୨ (ଡି.ଏନ.ଏ.)- ଅନୁଗୋଳ ଜିଲା ଜରାସିଂହାର ଜ୍ୟୋତି ସାମାଜିକ କର୍ମୀ ଅନୁଷ୍ଠାନ ପକ୍ଷରୁ ରବିବାର ସରସ୍ୱତୀ ପୂଜା ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଛି। ଜଙ୍ଗଲ ଅଧ୍ୟୁଷିତ ହିଡ଼ିସିଙ୍ଗ ପ୍ରାଥମିକ ବିଦ୍ୟାଳୟରେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ସହ ସୁଷମ ଖାଦ୍ୟ ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ସୁମିତ ପ୍ରଧାନ ଓ ସୁବ୍ରତ ପ୍ରଧାନଙ୍କ ନେତୃତ୍ୱରେ ବିଶ୍ୱରଞ୍ଜନ ଦାସ, ଦିଲୀପ ବେହେରା ଓ ବିଦ୍ୟାଳୟର ଶିକ୍ଷକ ବରୁଣ ନାଏକ ପ୍ରମୁଖ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ।

## ଅନୁଗୋଳରେ ପ୍ରଥମ ଆଦର୍ଶ ସାମୂହିକ ବିବାହ

# ବେଦିରେ ବସିଲେ ୫୫ କନିଆଁ-ବର

**ଅନୁଗୋଳ ଅଫିସ, ୧୦।୨**

ବାଜା ନ ଥିଲା। ବାଣ ବି ଫୁଟି ନ ଥିଲା। କିନ୍ତୁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ୫୫ ଯୋଡ଼ା କନିଆଁ-ବର। ଏପରି ଏକ ନିଆରା ସାମୂହିକ ବିବାହ କାର୍ଯ୍ୟ ରବିବାର ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମ୍ପନ୍ନ ହୋଇଯାଇଛି। ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ଅନୁଗୋଳ ଶାଖା ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଜିଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଓ ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ଧାର୍ମିକ ସଂସ୍ଥାର କର୍ମକର୍ତ୍ତାମାନେ ସହଯୋଗ କରିବା ସହ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ଆଶୀର୍ବାଦ କରିଥିଲେ।

ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପରିବାର ପଣ୍ଡିତମାନଙ୍କ ଦ୍ୱାରା ବୈଦିକ ରୀତିରେ ଏକ ଭାବପୂର୍ଣ୍ଣ ପରିବେଶରେ ଏହି ସାମୂହିକ ଆଦର୍ଶ ବିବାହ ସମ୍ପନ୍ନ ହୋଇଥିଲା। ଉଭୟ



ଶିଶୁବିଦ୍ୟାମନ୍ଦିର ପରିସରରେ ସାମୂହିକ ବିବାହ କାର୍ଯ୍ୟ ଚାଲିଛି।

ପକ୍ଷର ସ୍ୱୀକୃତି କ୍ରମେ ପୂର୍ବରୁ ଆଇନଗତ ଭାବେ ପଞ୍ଜୀକୃତ ବିବାହ ଯୋଗ୍ୟ ଝିଅ ଓ ପୁଅଙ୍କୁ ସଂସ୍ଥା ପକ୍ଷରୁ ସାମାଜିକ ସ୍ୱୀକୃତି ପ୍ରଦାନ କରାଯିବା ସହ ସୁଖୀ ଦାମ୍ପତ୍ୟ ଜୀବନ କାମନା କରାଯାଇଥିଲା। ଏପରି କି ସମସ୍ତ ନବଦମ୍ପତିଙ୍କୁ ବିଦାୟ ବେଳେ ଆୟୋଜକଙ୍କ ପକ୍ଷରୁ ନିତ୍ୟ ବ୍ୟବହାର ଉପକରଣ ପ୍ରଦାନ କରାଯାଇଥିଲା। ଝିଅ ଓ ପୁଅ ଘର ପକ୍ଷରୁ ୨୫ ଜଣ ଲେଖାଏ ବରଯାତ୍ରୀ ଏବଂ କନ୍ୟାଯାତ୍ରୀଙ୍କୁ ପ୍ରୀତି ଭୋଜନ ପ୍ରଦାନ କରାଯାଇଥିଲା। ବିବାହର ବର୍ଷକ ପର୍ଯ୍ୟନ୍ତ ସେମାନଙ୍କ ସଂସାର କିଭଳି ଚାଲିଛି, ସେ ନେଇ ନଜର ରଖାଯିବ। ଆର୍ଥିକ ସମସ୍ୟା ଭଳି ପରିସ୍ଥିତି ଉପୁଜିଲେ ସେମାନଙ୍କୁ କାର୍ଯ୍ୟରେ ଥଇଥାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏଥିସହ ନବଦମ୍ପତିଙ୍କୁ ଶ୍ରମ ବିଭାଗ ପକ୍ଷରୁ ମିଳୁଥିବା ସୁବିଧା ମଧ୍ୟ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଏହି ସାମୂହିକ ବିବାହ କାର୍ଯ୍ୟ ପୂର୍ବରୁ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ସଭାପତି ଲଡ୍ଡୁକେଶ୍ୱର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଓ ମହାବୀର ପ୍ରସାଦ ଅଗ୍ରୱାଲଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଢେଙ୍କାନାଳ-ଅନୁଗୋଳ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ରାଜେନ୍ଦ୍ର ପ୍ରସାଦ ତୋଲକିଆ, ଅଶୋକ ଜି. ଜାଲାନ, ଗୌରୀଶଙ୍କର ଅଗ୍ରୱାଲ ପ୍ରମୁଖ ଯୋଗଦାନ କରି ଏହି କାର୍ଯ୍ୟକ୍ରମ ଅନୁଗୋଳ ପାଇଁ ସ୍ମରଣୀୟ ବୋଲି କହିଥିଲେ। ଜିତେନ୍ଦ୍ର ପ୍ରସାଦ ଗୁପ୍ତା ଓ ନନ୍ଦୁଲାଲ ଅଗ୍ରୱାଲ ଏହାକୁ ସଞ୍ଚାଳନ କରିଥିବା ବେଳେ ମାତାଦିନ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର



@ ବାରିକ୍



@ ଚନ୍ଦନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**

dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ମୃତ କଲରାପତରିଆର ବ୍ୟବଚ୍ଛେଦ



ବାଘ ମୃତଦେହ ବ୍ୟବଚ୍ଛେଦ କରାଯାଉଛି।

**ବନ୍ତଲା, ୧୦।୨ (ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ କଣଲୋଇ ସଂରକ୍ଷିତ ଜଙ୍ଗଲରୁ ଶନିବାର ଉଦ୍ଧାର କଲରାପତରିଆ ବାଘର ମୃତଦେହକୁ ରବିବାର ବ୍ୟବଚ୍ଛେଦ ପରେ ପୋଡ଼ି ଦିଆଯାଇଛି। ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡ କାର୍ଯ୍ୟାଳୟ ବଙ୍ଗଳା ପଛରେ ସକାଳ ୭ଟାରୁ ଆରମ୍ଭ ହୋଇଥିବା ବ୍ୟବଚ୍ଛେଦ କାର୍ଯ୍ୟ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଗାଇଡ୍ ଲାଇନ ଅନୁଯାୟୀ ଏକ ୩୦ ଜଣିଆ ଟିମ୍ ଏଥିପାଇଁ ଗଠନ କରାଯାଇଥିଲା। ଏଥିରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ, ଏସିଏଫ୍ ଏଚ୍.ଡି. ଧନ୍‌ରାଜ, ଶ୍ରୀକାନ୍ତ ବେହେରା, ୱାର୍କିଂ ପ୍ଲାନ ଡିଏଫ୍‌ଓ ପ୍ରଦୀପ୍ତ କୁମାର ମହାପାତ୍ର, ସବ୍‌ଡିଭିଜନାଲ ଭେଟେରିନାରି ଅଫିସ ଡେପୁଟି ଡାଇରେକ୍ଟର ଡା.ଗଡ଼ନାୟକ, ଅତିରିକ୍ତ ଭେରେରିନାରି ଅଫିସର ଡା.ସୁଶାନ୍ତ ସେଠୀ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ ପ୍ରମୁଖ ସାମିଲ ଥିଲେ। ମୃତ ଅଣ୍ଡିରା ବାଘର ବୟସ ୪ରୁ ୫ ବର୍ଷ ମଧ୍ୟରେ ହୋଇଥିବାବେଳେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିଲା। ସଂଗୃହୀତ ନମୁନାକୁ ସେଣ୍ଟ୍ରାଲ ୱାଇଲ୍ଡ ଲାଇଫ୍ ଓୟୁଏଟି ଭୁବନେଶ୍ୱରକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ ଓ ପ୍ରାଣୀ ଡାକ୍ତର ସାହୁ କହିଛନ୍ତି, ବାଘ ଶରୀରରେ କ୍ଷତ ଚିହ୍ନ ନ ଥିବାରୁ ରୋଗରେ ପଡ଼ି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ।

## ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ବୈଠକ

**ଆଠମଲ୍ଲିକ,୧୦।୨(ଡି.ଏନ.ଏ.)**

ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଠମଲ୍ଲିକ ବ୍ଲକ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ନିର୍ବାଚନ ରିଟର୍ନିଂ ଅଫିସର ସୁବାସ ଚନ୍ଦ୍ର ରାୟ ଏଥିରେ ଅଧ୍ୟକ୍ଷତା କରିବା ସହ ଉପସ୍ଥିତ ସମସ୍ତ ସେକ୍ଟର ଅଫିସର ଏବଂ ପୋଲିସ ଅଧିକାରୀଙ୍କୁ ଦିଆଯାଇଥିବା କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୬୩ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୫୦ ଗୋଟି ବୁଥ୍ ପାଇଁ ୨୫ଟି ସେକ୍ଟର ଗଠନ କରାଯାଇଛି। ଏଥିରେ ୨୫ ଜଣ ସେକ୍ଟର ଅଫିସର କାର୍ଯ୍ୟ କରିବା ସହିତ ପ୍ରତି ସେକ୍ଟର ଅଫିସର ପାଇଁ ଜଣେ ଜଣେ ପୋଲିସ ନିଯୁକ୍ତ ହୋଇଛନ୍ତି। ସେହିପରି ନିର୍ବାଚନ ସୁପରିଚାଳନା ପାଇଁ ପ୍ରତ୍ୟେକ ବୁଥ୍ ବୁଲି ଦେଖିବା ସହ ସୁବିଧା ଅସୁବିଧା ସମ୍ପର୍କରେ ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ବାଚନ ସମୟରେ ସମ୍ବେଦନଶୀଳ, ଅତି ସମ୍ବେଦନଶୀଳ ଏବଂ କ୍ରିଟିକାଲ୍ ବୁଥ୍ ଆଦି ଚିହ୍ନଟ କରାଯାଇ ଯତ୍ନର ସହ କାର୍ଯ୍ୟ କରିବାକୁ ସେକ୍ଟର ଅଫିସରଙ୍କୁ ପରାମର୍ଶ ଦିଆଯାଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲବିନସ୍ କେରକେଟା, ବିଡିଓ ରାହାସ ଚନ୍ଦ୍ର ନାୟକଙ୍କ ସମେତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଥାନା ଅଧିକାରୀ ଏବଂ ପୋଲିସ ପର୍ସୋନାଲ୍ ତଥା ସେକ୍ଟର ଅଫିସର ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

# ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୧୦।୨**

ଅନୁଗୋଳରେ ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଟ୍ରକ୍ ଆସୋସିଏଶନ୍ ଠାରେ ଏହି ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ସବୁ ସ୍ତରରେ ଜନସଚେତନତା ସୃଷ୍ଟି ଉପରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଟ୍ରକ୍ ମାଲିକ ସଂଘ ସଭାପତି ବିଭୂତି ଚନ୍ଦ୍ର ଦାସ ଓ ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବସ୍ ମାଲିକ ସଂଘ ସଭାପତି ମାନସ କୁମାର ସାମଲ ଓ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଟ୍ରାଫିକ ନିୟମ ମାନିବା, ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ହେଲମେଟ୍, ସେଫଟି ବେଲ୍ଟ ପିନ୍ଧିବାକୁ ଗାଡ଼ି ଚାଳକମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୨ ଶ୍ରେଷ୍ଠ ଗାଡ଼ି ଚାଳକ ଓ ୪ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଓମ୍ ସତ୍ୟମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୋମନାଥପୁର କ୍ରିକେଟ ଟୁର୍ନାମେଣ୍ଟ

# ଏନ୍‌ଆର୍‌ସିଏ କୁଲାଡ଼ ଚାମ୍ପିୟନ

**ଅନୁଗୋଳ ଅଫିସ, ୧୦।୨**

ଅନୁଗୋଳ ସୋମନାଥପୁର କ୍ରିକେଟ ଟୁର୍ନାମେଣ୍ଟରେ ଏନ୍‌ଆର୍‌ସିଏ କୁଲାଡ ଟିମ୍ ଚାମ୍ପିୟନ ହୋଇଛି। ରବିବାର ୟଙ୍ଗଷ୍ଟାର ଅନୁଗୋଳ ଓ ଏନ୍‌ଆର୍‌ସିଏ କୁଲାଡ଼ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏନ୍‌ଆର୍‌ସିଏ କୁଲାଡ଼ ପ୍ରଥମେ ବ୍ୟାଟିଂ କରି ୧୫୦ ରନ କରିଥିଲା। ଜବାବରେ ୟଙ୍ଗଷ୍ଟାର ଅନୁଗୋଳ ୧୪୯ ରନ କରି ପରାସ୍ତ ହୋଇଥିଲା। କ୍ରିଷ୍ଣା ପଲେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ତପୁଙ୍କୁ ମ୍ୟାନ ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା। ପ୍ରତାପ ପ୍ରଧାନ, ସୁବିତ ଦାସ, ନରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁଧାକର ବେହେରା ଓ ଅରୁଣ ଖେଳ ପରିଚାଳନା କରିଥିବା ବେଳେ ଦ୍ୱିତୀକ୍ରିଷ୍ଣା ଦାସ ଓ ଉତ୍କଳ ସାହୁ ସହଯୋଗ କରିଥିଲେ।




ଚାମ୍ପିୟନ ଦଳ ସହ ଅତିଥି।

# ଉନ୍ନୟନ କାର୍ଯ୍ୟର ଭୂମିପୂଜା, କମ୍ବଳ ବଣ୍ଟନ



ଭୂମିପୂଜା କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧିଙ୍କ ସହ ଗ୍ରାମବାସୀ ଓ ଅନ୍ୟମାନେ।

**ଅନୁଗୋଳ ଅଫିସ, ୧୦।୨**

ଅନୁଗୋଳ ବ୍ଲକ ବଲାସିଂହା ପଞ୍ଚାୟତ ସୁରାବ ଗାଁରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭୂମିପୂଜା ସମ୍ପନ୍ନ କରିଥିଲେ। ଏଥିସହ ସେ ବୃଦ୍ଧା, ବୃଦ୍ଧ ଓ ବିଧବାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଗାଁ ସଭାପତି ଭାସ୍କର ବେହେରା, ନାରାୟଣ ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏମ୍‌ପିଙ୍କ ପ୍ରତିନିଧିଙ୍କୁ ଗାଁକୁ ପାଛୋଟି ନେଇଥିଲେ। ଏମ୍‌ପିଙ୍କ ପ୍ରସ୍ତାବ ଅନୁଯାୟୀ ଜିଲା ଖଣିଜ ପାଣ୍ଠିରୁ ନିର୍ମାଣ ହେବାକୁ ଥିବା ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭୂମିପୂଜା ସହ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରେ ସୁରାବ ପ୍ରାଥମିକ ବିଦ୍ୟାଳୟ ପାଚେରି କାର୍ଯ୍ୟର ଶୁଭ ଦିଆଯାଇଥିଲା। ପରେ ସରପଞ୍ଚ ଅଶୋକ ସାହୁଙ୍କ ନେତୃତ୍ୱରେ ଚିହ୍ନଟ ହୋଇଥିବା ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ଏମ୍‌ପିଙ୍କ ପ୍ରତିନିଧି ଲୋକଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନାର ସୁବିଧା ନେବାକୁ ସେ ପରାମର୍ଶ ଦେଇଥିଲେ। ଅନୁଗୋଳ ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ବ୍ଲକ ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ମାନସ ରଞ୍ଜନ ଦେହୁରୀ, ସୁଶିତ ସାହୁ, ବଳରାମ ଜେନା, ୱାର୍ଡମେମ୍ବର ବିକାଶ ବେହେରା, ଜୀବନ ସାହୁ, ସଞ୍ଜୟ ସାହୁ, ସରୋଜ ବେହେରା ପ୍ରମୁଖଙ୍କ ସହ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

